# NATIONAL NEWS BULLETIN (ODIA)

**31 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ଭାରତ ସଂକଳ୍ପବଦ୍ଧ ବୋଲି କହିଲେ ପ୍ରଧାନମନ୍ତ୍ରୀ
- ରାଜୌରୀ ଜିଲ୍ଲାର ନିୟନ୍ତ୍ରଣରେଖା ନିକଟବର୍ତ୍ତୀ କେତେକ ଆଗୁଆ ଅଞ୍ଚଳ ଏବଂ ସେନା ପୋଷ୍ଟକୁ ପରିଦର୍ଶନ କଲେ ସେନାମୁଖ୍ୟ
- ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଭାରତ, ବ୍ରାଜିଲ୍ ମଧରେ ସଂଗ୍ରିଲା ଆଲୋଚନା ବୈଠକ ଅନୁଷ୍ଠିତ
- ଆଇପିଏଲ୍ କ୍ରିକେଟ୍‌ର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଆସନ୍ତାକାଲି ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

ଏବଂ

- ଦେଶର ବିଭିନ୍ନ ଅଞ୍ଚଳରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

## ପିଏମ୍-ଏମ୍‌ପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ଭାରତର ମହିଳା ଶକ୍ତି ପାଇଁ ଏକ ଆହ୍ୱାନ ଥିଲା । ଅପରାଧୀଙ୍କ ପାଇଁ ଏହି ଆହ୍ୱାନ ମୃତ୍ୟୁଘଣ୍ଟି ପ୍ରମାଣ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ମଧ୍ୟପ୍ରଦେଶର ଭୋପାଳଠାରେ ଏକ ଜନସମାବେଶକୁ ସମ୍ବୋଧନ କରି

ପ୍ରଧାନମନ୍ତ୍ରୀ କହିଛନ୍ତି, କୌଣସି ପ୍ରକାର ପରୋକ୍ଷ ଯୁଦ୍ଧକୁ ଭାରତ ସହ୍ୟ କରିବ ନାହିଁ । ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ଭାରତ ସଂକଳ୍ପବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି । **V/O**

ଭୋପାଳର ଜମ୍ବୁରୀ ମଇଦାନଠାରେ ଲୋକମାତା ଦେବୀ ଅହିଲ୍ୟାବାଇଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ମହିଳା ସଶକ୍ତିକରଣ ମହାସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ସିନ୍ଦୂର ଭାରତର ସାହସିକତାର ପ୍ରତୀକ ପାଲଟିଛି । ଭାରତୀୟ ସେନା ଶହଶହ କିଲୋମିଟର ଦୂରରେ ଥିବା ଶତ୍ରୁ ଅଞ୍ଚଳରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାସ୍ଥଳୀ ଗୁଡ଼ିକୁ ଧ୍ୱଂସ କରିଛି । ଭାରତର ଇତିହାସରେ ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ସଫଳତା । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ନେତୃତ୍ୱାଧୀନ ବିକାଶକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ସରକାରଙ୍କ ପ୍ରତ୍ୟେକ ପ୍ରମୁଖ ଯୋଜନାର କେନ୍ଦ୍ରବିନ୍ଦୁ ଭାବେ ମହିଳା ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## V/O

ପ୍ରଧାନମନ୍ତ୍ରୀ କହିଛନ୍ତି, ଇନ୍ଦୋର ମେଟ୍ରୋ ଏବଂ ସତନାଗତିଆ ବିମାନ ବନ୍ଦରର ଉଦ୍‌ଘାଟନ କରାଯାଇଛି । ମଧ୍ୟପ୍ରଦେଶରେ ଏହିସବୁ ପ୍ରକଳ୍ପ ସୁବିଧା ସୁଯୋଗକୁ ସୁବ୍ୟବସ୍ଥିତ କରିବା ସହ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ । ନିଯୁକ୍ତି କ୍ଷେତ୍ର ମଧ୍ୟ ଗତିଶୀଳ ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୨୪ ଏକର ଜମିରେ ୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଦତିଆ ଏବଂ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସତନା ବିମାନ ବନ୍ଦରର ଉଦ୍ଘାଟନ କରିଛନ୍ତି । ଇନ୍ଦୋରଠାରେ ପ୍ରଥମ ମେଟ୍ରୋ ରେଳ ପ୍ରକଳ୍ପର ମଧ୍ୟ ପ୍ରଧାନମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ସ୍ୱତନ୍ତ୍ର ୩୦୦ ଟଙ୍କାର ମୁଦ୍ରାକୁ ଉନ୍ମୋଚନ କରିଛନ୍ତି । ଅହିଲ୍ୟାବାଇ ହୋଲ୍‌କରଙ୍କ ପ୍ରତିଛବି ଥିବା ଏହି ମୁଦ୍ରା ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଏକ ସ୍ମାରକୀ ଡାକଟିକଟ ମଧ୍ୟ ଉନ୍ମୋଚନ କରିଛନ୍ତି ।

ମଧ୍ୟପ୍ରଦେଶରେ ୧ ହଜାର ୨୭୧ଟି ନୂଆ ଅଟଳ ଗ୍ରାମସେବା ସଦନ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି । ଏହାଦ୍ୱାରା ବିଭିନ୍ନ ଗ୍ରାମପଞ୍ଚାୟତକୁ ସ୍ଥାୟୀ ପକ୍କାଘର ମିଳିପାରିବ ।

ଗୋଲ୍‌ଡି ଭାଷାକୁ ସଂରକ୍ଷଣ କରିବା ଏବଂ ମାନବ ଚାଲାଣରୁ ମହିଳାଙ୍କୁ ଉଦ୍ଧାର କରିବାରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛତିଶଗଡ଼ ବସ୍ତର ଅଞ୍ଚଳର ଡକ୍ଟର ଜୟମତୀ କଶ୍ୟପଙ୍କୁ ଦେବୀ ଅହିଲ୍ୟାବାଇ ହୋଲ୍‌କର ପୁରସ୍କାରରେ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଛନ୍ତି ।

---

## ଜେକେ-କୋସ୍

ଜାମ୍ମୁ ଏବଂ କାଶ୍ମୀରରେ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ରାଜୌରୀ ଜିଲ୍ଲାର ସୁନ୍ଦରବାଣୀ ସେକ୍ଟରରେ ନିୟନ୍ତ୍ରଣରେଖା ପାଖରେ ଥିବା ଆଗୁଆ ଅଞ୍ଚଳ ଏବଂ ପୋଷ୍ଟ ଗୁଡ଼ିକ ବୁଲି ଦେଖିଥିବା ବେଳେ ଏଠାରେ ନିୟୋଜିତ ୟୁନିଟ୍ ଗୁଡ଼ିକର କାର୍ଯ୍ୟକ୍ରମ ପ୍ରସ୍ତୁତିର ମଧ ସମୀକ୍ଷା କରିଥିଲେ । ଜେନେରାଲ୍ ଦ୍ୱିବେଦୀଙ୍କ ଗସ୍ତ ସମୟରେ ପ୍ରଚଳିତ ସୁରକ୍ଷା ପରିସ୍ଥିତି ଏବଂ କାର୍ଯ୍ୟକ୍ଷମ ଗତିଶୀଳତା ବିଷୟରେ ଫର୍ମେସନ କମାଣ୍ଡରମାନେ ତାଙ୍କୁ ସୂଚନା ଦେଇଥିଲେ । ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ସୀମାବର୍ତ୍ତୀ ଅଞ୍ଚଳରେ ରଣନୈତିକ ପରିବେଶ ଏବଂ ବିଭିନ୍ନ ପ୍ରକାର ଆହ୍ୱାନର ମଧ୍ୟ ସମୀକ୍ଷା କରାଯାଇଥିଲା । ସୈନିକମାନଙ୍କ ସହିତ

ଆଲୋଚନା କରି ସେନାମୁଖ୍ୟ ଅପରେସନ ସିନ୍ଦୂର ସମୟରେ ସେମାନଙ୍କର ପ୍ରଦର୍ଶନକୁ ଉଚ୍ଚପ୍ରଶଂସା କରିଥିଲେ । ଶ୍ରୀ ଦ୍ୱିବେଦୀ ବିଭିନ୍ନ ପଦାଧିକାରୀଙ୍କ ବୃତ୍ତି, ସମର୍ପଣ ଭାବ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ସୈନିକମାନେ ସର୍ବଦା ବିକଶିତ ହେଉଥିବା ସୁରକ୍ଷା ପରିଦୃଶ୍ୟ ମଧ୍ୟରେ ସତର୍କତା ଏବଂ ଆଗୁଆ ପ୍ରସ୍ତୁତି ବଜାୟ ରଖିବା ଉପରେ ସେ ଜୋର ଦେଇଥିଲେ । ବିପଦକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ପାଇଁ ସେ ସେନାକୁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସୀମା ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଜାତୀୟ ସାର୍ବଭୌମତ୍ୱକୁ ସୁରକ୍ଷା ଦେବ ବୋଲି ଶ୍ରୀ ଦ୍ୱିବେଦୀ ମତବ୍ୟକ୍ତ କରିଥିଲେ ।

## ମିଜୋରାମ ବିଲ୍ଡିଂ କୋଲାପ୍ସ

ପ୍ରବଳ ବର୍ଷା ଯୋଗୁଁ ମିଜୋରାମର ଲଙ୍ଗରତଲାଇ ସହରରେ ଭୂସ୍ଖଳନ ଫଳରେ ଏକ ହୋଟେଲ୍ ସମେତ ୬ଟି ଘର ଭୁଶୁଡ଼ି ପଡ଼ିଛି । ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ସୀମା ନିକଟବର୍ତ୍ତୀ ବଜାରଭେଙ୍ଗ ଏବଂ ଚାନ୍ଦମାରିଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ବହୁ ଲୋକଙ୍କର ମୃତାହତ ହେବାର ଆଶଙ୍କା ରହିଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ, ତୃତୀୟ ଭାରତୀୟ ରିଜର୍ଭ ବାଟାଲିୟନ୍ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି । ମିଜୋରାମରେ ଗତକାଲିଠାରୁ ପ୍ରବଳ ବର୍ଷା ହେବା ଫଳରେ କେତେକ ଅଞ୍ଚଳରେ ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି ।

## ଇଣ୍ଡିଆ-ବ୍ରାଜିଲ୍ ଡାଏଲଗ୍

ଭାରତ ଏବଂ ବ୍ରାଜିଲ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସଂଗ୍ରିଲା ଆଲୋଚନା ବୈଠକ ୨୦୨୫ ଅନୁଷ୍ଠିତ ହୋଇଛି ।

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିକାଶ ଏବଂ ସ୍ଥିରତା ଓ ପ୍ରତିବଦ୍ଧତା ସ୍ୱରୂପ ଦୁଇପକ୍ଷ ମଧ୍ୟରେ ଆଲୋଚନା ହୋଇଛି । ଭାରତୀୟ ସଶସ୍ତ୍ର ସେନା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଏବଂ ବ୍ରାଜିଲ ସେନାର ମୁଖ୍ୟ ଆଡମିରାଲ୍ ଆଗୁଆର ଫ୍ରେିରେଙ୍କ ମଧ୍ୟରେ ଏହି ଆଲୋଚନା ଅନୁଷ୍ଠିତ ହୋଇଛି। ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ନେଇ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଛନ୍ତି । ଆଞ୍ଚଳିକ ସୁରକ୍ଷା, ସାମୁଦ୍ରିକ ସ୍ୱାଧୀନତା ଏବଂ ସ୍ଥାୟୀ ବିକାଶ ଉପରେ ଉଭୟ ପକ୍ଷ ଆଲୋଚନାରେ ଗୁରୁତ୍ୱାରୋପ କରିଛନ୍ତି ।

## ଅଲ୍ ପାର୍ଟି ଡେଲିଗେସନ

ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ ସ୍ୱରୂପ ୭ଟି ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଗସ୍ତ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ଦଳ ଆଜି କଲମ୍ବିଆକୁ  ଗସ୍ତ କରିଛନ୍ତି । କଲମ୍ବିଆର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ରୋଜା ୟୋଲାଣ୍ଡୋ ଭିଲା ଭିସେନ୍‌ସିଓ ଏବଂ ଏସିଆ-ପ୍ରଶାନ୍ତ ମହାସାଗର କ୍ଷେତ୍ର ସହିତ ଜଡ଼ିତ ତାଙ୍କର ବରିଷ୍ଠ ସହକର୍ମୀମାନଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଥରୁର୍ କହିଛନ୍ତି ଯେ, ସାଂପ୍ରତିକ ଘଟଣାବଳୀ ପ୍ରତି ଭାରତର ଦୃଷ୍ଟିଭଙ୍ଗୀ ବଦଳିଛି । ପାକିସ୍ତାନ ପ୍ରତି ସହାନୁଭୂତି ଜଣାଇବା ସହ କଲମ୍ବିଆର ବିବୃତିରେ ସେ ନିରାଶ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ କଲମ୍ବିଆର ମନ୍ତ୍ରୀମାନେ ତାଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି । ଭାରତର ସ୍ଥିତିକୁ ସଠିକ୍ ଭାବେ ବୁଝାଯିବା ସହ ସମର୍ଥନ ଜଣାଇଛନ୍ତି ।

ଡିଏମକେ ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ଦଳ ସଂପ୍ରତି ଲାଟିଭିଆ ଗସ୍ତରେ ଅଛନ୍ତି । ଗତକାଲି ରିଗାର ଜାତୀୟ ପାଠାଗାରରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏହି ପ୍ରତିନିଧି ଦଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

---

## ଡିଫେନ୍ସ-ଏକ୍ସପୋଜ୍

ପ୍ରତିରକ୍ଷା ସଚିବ ରାଜେଶ କୁମାର କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା କେବଳ ଦେଶର ରଣନୈତିକ ସ୍ୱାୟତ୍ତତା ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ନୂଆଦିଲ୍ଲୀରେ ପ୍ରତିରକ୍ଷା ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସିଂ କହିଛନ୍ତି ଯେ ଭାରତ ୨୦୧୫ରେ ଶୀର୍ଷ ଆମଦାନୀକାରୀ ଏବେ ଶୀର୍ଷ ୨୫ ରପ୍ତାନୀକାରୀଙ୍କ ମଧ୍ୟରୁ ଅନ୍ୟତମ ଦେଶ ହୋଇପାରିଛି ।

ସେ କହିଛନ୍ତି, ୧୦୦ରୁ ଅଧିକ ଭାରତୀୟ କମ୍ପାନୀ ଏବେ କ୍ଷେପଣାସ୍ତ୍ର, ରକେଟ ଲଞ୍ଚର, ସିମୁଲେଟର, ସଶସ୍ତ୍ର ଯାନ, ଡୋର୍ଣ୍ଣିୟର ବିମାନ, ବିଭିନ୍ନ ପ୍ରକାରର ଜାହାଜ ଏବଂ ଅବସୋର ପାଟ୍ରୋଲ ଜାହାଜ ସମେତ ପ୍ରତିରକ୍ଷା ଉତ୍ପାଦ ଏବେ ୧୦୦ରୁ ଊର୍ଦ୍ଧ୍ୱ ଦେଶକୁ ରପ୍ତାନୀ କରୁଛି । ଶ୍ରୀ ସିଂ କହିଛନ୍ତି, ପ୍ରତିରକ୍ଷା ମନ୍ତ୍ରଣାଳୟ କ୍ରୟ ଚକ୍ରରେ କିଛି ପ୍ରକ୍ରିୟା ପାଇଁ ସମୟସୀମାକୁ ହ୍ରାସ କରିଛି । ଏତଦ୍‌ବ୍ୟତୀତ ଘରୋଇ ଶିଳ୍ପଗୁଡ଼ିକୁ ଗବେଷଣା ଏବଂ ବିକାଶ ଉପରେ ଧ୍ୟାନ ଦେବା ସହିତ ପୁଞ୍ଜି ଉପକରଣ, ଯନ୍ତ୍ରପାତି ଏବଂ ଇଞ୍ଜିନିୟରିଂ ଶକ୍ତିରେ ନିବେଶ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି ବୋଲି ପ୍ରତିରକ୍ଷା ସଚିବ କହିଛନ୍ତି ।

---

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ରେ ଅହମ୍ମଦାବାଦରେ ଆସନ୍ତାକାଲି ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ ।

ଗତକାଲି ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟରେ ସ୍ଥାନ ନିଶ୍ଚିତ କରିଛି । ଗତକାଲି ଚଣ୍ଡୀଗଡ଼ର ମହାରାଜା ଯଜବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏଲିମିନେଟର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି ।

---

# ଆଇଏମ୍‌ଡି-ଓ୍ୱେଦର

ଆଗାମୀ ଦୁଇ ତିନିଦିନ ମଧ୍ୟରେ ଦେଶର ପୂର୍ବ, ପଶ୍ଚିମ, ମଧ୍ୟ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସୋମବାର ପର୍ଯ୍ୟନ୍ତ ଉପ-ହିମାଳୟ ପଶ୍ଚିମବଙ୍ଗ, ସିକିମ୍, ଆସାମ, ମେଘାଳୟ, ଅରୁଣାଚଳପ୍ରଦେଶ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରା ଭଳି ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି ।

ଆସନ୍ତାକାଲି ପର୍ଯ୍ୟନ୍ତ ବିଦର୍ଭ, ଛତିଶଗଡ଼, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାରରେ ଝଡ଼ବର୍ଷା ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତାକାଲି ପର୍ଯ୍ୟନ୍ତ ଦକ୍ଷିଣ

ଆରବ ସାଗର ଏବଂ କେନ୍ଦ୍ରୀୟ ଆରବ ସାଗରର ଦକ୍ଷିଣ ଅଂଶ ଏବଂ ଆସନ୍ତାକାଲିଠାରୁ ବୁଧବାର ପର୍ଯ୍ୟନ୍ତ ଦକ୍ଷିଣ-ପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପ, ମାଳଦୀପ ଏବଂ କୋମେରିନ୍ ଅଞ୍ଚଳକୁ ଯିବା ପାଇଁ ବାରଣ କରିଛି ।

ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବା ସହିତ ଆଗାମୀ ୪ ଦିନ ମଧ୍ୟରେ ପୂର୍ବ ଭାରତରେ ସର୍ବାଧିକ ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇବ ।